ଧରିତ୍ରୀ
DHARITRI
April 12-18, 2020 ₹ 2/-

# ଛୁଟିଦିନ






# ପ୍ରତିଷେଧକ

ଆରମ୍ଭରୁ ଆଜିଯାଏ ରୋଗବ୍ୟାଧିରୁ ନିଜକୁ ରକ୍ଷା କରିବା ପାଇଁ ମଣିଷ ପ୍ରତିଷେଧକର ଆଶ୍ରା ନେଇଛି। ଆଉ ଏହି ପ୍ରତିଷେଧକ ତାକୁ ବଡ଼ବଡ଼ ମହାମାରୀରୁ ବଞ୍ଚିବାର ରାସ୍ତା ଦେଖେଇଛି....

୩
ପ୍ରଚ୍ଛଦ ପ୍ରସଙ୍ଗ

ସହରଠୁ ଦୂର
୬



ସିନେମା
୪



# ଟ୍ରକ ଗାର୍ଡେନ



ପୃଥିବୀର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ସେହିଭଳି ଜାପାନରେ ପ୍ରତିବର୍ଷ ଆୟୋଜିତ ହୋଇଥାଏ ଏକ ନିଆରା ପ୍ରତିଯୋଗିତା। ସେ ହେଉଛି ଟ୍ରକ ଗାର୍ଡେନ ପ୍ରତିଯୋଗିତା। ଏଥିରେ ପ୍ରତିଯୋଗୀଙ୍କୁ ମିନି ଟ୍ରକର ଡାଲାକୁ ସୁନ୍ଦର ବଗିଚାରେ ରୂପାନ୍ତରିତ କରିବାକୁ ହୁଏ। 'କେଇ' ଟ୍ରକ୍ ଭାବେ ପରିଚିତ ଉକ୍ତ ଟ୍ରକ ଜାପାନରେ ନିର୍ମିତ । ହେଲେ ଏବେ ଏହା ସାରା ଏସିଆରେ ଲୋକପ୍ରିୟ। ପ୍ରତିବର୍ଷ ଏହି ପ୍ରତିଯୋଗିତାରେ ପ୍ରତିଯୋଗୀ ଏହି ଟ୍ରକ୍‌କୁ ବେଶ୍ ସୁନ୍ଦର ବଗିଚାର ରୂପ ଦେଇଥାନ୍ତି। କାହାର ବଗିଚାରେ ଝରଣା ଥାଏ ତ କେଉଁଟିରେ ଛୋଟ ପାହାଡ଼, ଆକ୍ୱାରିୟମ୍ ଆଦି ଥାଏ। ସାଧାରଣତଃ ଜାପାନର ପାରମ୍ପରିକ ବଗିଚା ପୃଥିବୀର ସବୁଠାରୁ ସୁନ୍ଦର ବୋଲି ବିବେଚନା କରାଯାଏ। ଏଥିରୁ ଅନୁମେୟ ଯେ, ଏହି ଟ୍ରକ୍ ଗାର୍ଡେନ କେତେ ସୁନ୍ଦର ହୋଇଥିବ।



# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୧୨-୧୮

**ମେଷ**: କର୍ମଦକ୍ଷତାରୁ ପ୍ରଶଂସା, ଆର୍ଥିକ ଉନ୍ନତି, ପଡ଼ୋଶୀଙ୍କ ଅସହଯୋଗ, ବ୍ୟବସାୟରେ କ୍ଷତି, ପରୋକ୍ଷ ଶତ୍ରୁତା, ମାନସିକ ଦୁଶ୍ଚିନ୍ତା, ଯାନ୍ତ୍ରିକତ୍ରୁଟି, ଯାତ୍ରାରେ ବିଘ୍ନ, ମନୋରଞ୍ଜନର ମଉକା, ଗବେଷଣାରେ ତତ୍ପରତା।

**ବୃଷ**: ସରକାରୀ ସାହାଯ୍ୟ, ସ୍ୱାସ୍ଥ୍ୟୋନ୍ନତି, ମିତ୍ରବନ୍ଧୁଙ୍କ ସାହାଯ୍ୟ, ସହକର୍ମୀଙ୍କ ଅସହଯୋଗ, ବନ୍ଧୁଙ୍କ ପରାମର୍ଶ, ଭ୍ରମଣ ସୁଯୋଗ, ଶିଳ୍ପବାଣିଜ୍ୟରେ ଉନ୍ନତି, ପ୍ରଶାସନିକ ସଫଳତା, ଅଧ୍ୟୟନରେ ରୁଚି।

**ମିଥୁନ**: ଭୁଲ୍ ନିଷ୍ପତ୍ତି, ମାନସିକ ଚାପ, ଋଣମୁକ୍ତ ହେବେ, ଶତ୍ରୁତାର ବିନାଶ, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଶୃଙ୍ଖଳା, ବୁଝାମଣାରେ ଉନ୍ନତି, ସନ୍ତାନ ବସଳତା, ସୁମିଷ୍ଟ ଭୋଜନ, ଗାଡ଼ିମୋଟରରେ ସମସ୍ୟା।

**କର୍କଟ**: କାମରେ ପ୍ରତିବନ୍ଧକ, ଅର୍ଥନୀତି ବଦଳିବ, ସହକର୍ମୀଙ୍କ ଅସହଯୋଗ, ପ୍ରଶାସନିକ ଅବସାଦ ବଢ଼ିବ, ପୁଞ୍ଜି ନିବେଶରେ କ୍ଷତି, ପଡ଼ୋଶୀଙ୍କ ଅପପ୍ରଚାର, ସମ୍ପର୍କରେ ଉନ୍ନତି, ନିର୍ମାଣରେ ବିଫଳତା, ସ୍ଥଗିତ ମାମଲାରୁ ବ୍ୟସ୍ତତା।

**ସିଂହ**: ଉତ୍ସାହ ଉଦ୍ଦୀପନା ବୃଦ୍ଧି, ଉଦ୍ୟମରେ ଅଗ୍ରଗତି, ବ୍ୟବସାୟରେ ଉନ୍ନତି, ପରାଶ୍ରୟତା, ପରିସ୍ଥିତି ବଦଳିବ, ଯୋଜନାରେ ପ୍ରତିବନ୍ଧକ, ସମ୍ପର୍କ ଯୋଡ଼ିବେ, କଠିନ ଶ୍ରମରୁ ସ୍ୱାସ୍ଥ୍ୟହାନି, ଧର୍ମକାର୍ଯ୍ୟରେ ବାଧା।

**କନ୍ୟା**: ସଙ୍ଗନିରୋଧ, ପ୍ରତିକୂଳ ପରିବେଶ, ଆଲୋଚନାରେ ଅଗ୍ରଗତି, ବୃଥାଭ୍ରମଣରୁ ସମସ୍ୟା, ଅନ୍ୟମନସ୍କତାରୁ ଦ୍ରବ୍ୟନଷ୍ଟ, ଆତ୍ମୀୟଙ୍କ ସହ ମତାନ୍ତର, ଭୁଲ୍‌ଖବରରୁ ଦୁଶ୍ଚିନ୍ତା।

**ତୁଳା**: ସମ୍ପର୍କରେ ଉନ୍ନତି, ସଫଳତା ମିଳିବ, ଭଲରୋଜଗାର, ବ୍ୟବସାୟରେ ଉନ୍ନତି, ମନୋବଳ ବୃଦ୍ଧି, ଘର ସାଜସଜ୍ଜା, ପାରିବାରିକ ସୌଖ୍ୟ, କାର୍ଯ୍ୟସିଦ୍ଧିରେ ବିଳମ୍ବ, ମାତୁଳ ବର୍ଗରୁ ସାହାଯ୍ୟ, ବୁଝାମଣାରେ ଉନ୍ନତି, ଅପ୍ରିୟ ସତ୍ୟରୁ କଳହ।

**ବିଛା**: ଦିନଚର୍ଯ୍ୟାରେ ପରିବର୍ତ୍ତନ, ଈଶ୍ୱରୀୟ ଚିନ୍ତା, ମିତ୍ରବନ୍ଧୁଙ୍କ ଆଲୋଚନା, କଳାପ୍ରିୟ ହେବେ, ସମ୍ପର୍କ ବଢ଼ିବ, ସହକର୍ମୀଙ୍କ କଟୁକ୍ତି, ଉପରିସ୍ଥଙ୍କ ଚାପ, ଯାତ୍ରାରେ ପ୍ରତିବନ୍ଧକ, ବୃଥାତର୍କରୁ କଳହ, ସ୍ଥଗିତ ଶୁଭକାର୍ଯ୍ୟ, ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ।

**ଧନୁ**: ଜଟିଳ ପରିସ୍ଥିତି, ବନ୍ଧୁଙ୍କ ମଧ୍ୟସ୍ଥତା, ରାଜକୀୟ ସମ୍ମାନ, ସ୍ତ୍ରୀଙ୍କ ପ୍ରେରଣା, ସମସ୍ୟା ସୁଧାରିବେ, ଦ୍ୱନ୍ଦ୍ୱର ଅବସାନ, ପାଖପଡ଼ୋଶୀଙ୍କ ଭର୍ତ୍ସନା, ପ୍ରବାସରେ ସମସ୍ୟା, ଗାଡ଼ିଜବତରୁ ଦୁଃଖ, ବ୍ୟୟ ବହୁଳତା, ଭ୍ରାତୃବର୍ଗରେ ସୁସମ୍ପର୍କ ବୃଦ୍ଧି।

**ମକର**: ଭାବପ୍ରବଣତା ବୃଦ୍ଧି, ମନୋରଞ୍ଜନରେ ରୁଚି, ନୂତନ ଦାୟିତ୍ୱ, ସାମାଜିକ ସମ୍ମାନ, ଦାୟିତ୍ୱ ବଢ଼ିବ, ବିବାଦରେ ବିଜୟ, ପରିବହନରେ ଝଟକା, ଅଧ୍ୟୟନରେ ରୁଚି, ବିଳାସ ପ୍ରିୟତା, ଏକାନ୍ତବାସରୁ ଦୁଃଖ, ବନ୍ଧୁଙ୍କ ଆଶ୍ୱାସନା।

**କୁମ୍ଭ**: କଳହକୁ ନିୟନ୍ତ୍ରଣ, ଲକ୍ଷ୍ୟହୀନ ଯାତ୍ରା, ତ୍ୱରାନ୍ୱିତ କାର୍ଯ୍ୟ, ବନ୍ଧୁ ସହ ମନୋମାଳିନ୍ୟ, ଯୋଗାଯୋଗରେ ବାଧା, ଶରୀରଚର୍ଚ୍ଚା, ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ପ୍ରକାଶନରେ ଦ୍ୱନ୍ଦ୍ୱ, ପଦସ୍ଥ ବ୍ୟକ୍ତିଙ୍କ ସଙ୍ଗଲାଭ, କର୍ମକ୍ଷେତ୍ରରେ ପ୍ରତିଷ୍ଠା॥

**ମୀନ**: ନୂତନ ଯୋଜନାରମ୍ଭ, ଆର୍ଥିକ ଅନଟନ, ଦୁଶ୍ଚିନ୍ତା କମିବ, ଦ୍ରବ୍ୟପ୍ରାପ୍ତି, ଭୁଲ୍ ବୁଝାମଣା, ଆଶାପୂରଣ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଅବହେଳାରୁ ମନସ୍ତାପ, ବ୍ୟବସାୟରେ କ୍ଷତି, ସୁଭୋଜନ ପ୍ରାପ୍ତି, ସେବା ପରୋପକାରରୁ ପ୍ରଶଂସା॥

# ସୁନ୍ଦର ଦାନ୍ତ, ସୁନ୍ଦର ବ୍ୟକ୍ତିତ୍ୱ

ସୁନ୍ଦର ହସ ଏକ ସୁନ୍ଦର ବ୍ୟକ୍ତିତ୍ୱର ପ୍ରତୀକ, ହେଲେ ଅନେକ ସମୟରେ ହଳଦିଆ ଦାନ୍ତ ଖୋଲା ହସ ହସିବାରେ ପ୍ରତିବନ୍ଧକ ସାଜେ। ଏହି ସମସ୍ୟାକୁ ଷ୍ଟ୍ରବେରୀ ଦୂର କରି ପାରେ। ଏହାକୁ ଦଳି ଦାନ୍ତରେ ଘଷିଲେ ଏଥିରେ ଥିବା ଭିଟାମିନ ସି ଓ ଏଞ୍ଜାଇମ ଦାନ୍ତର ହଳଦିଆ ରଙ୍ଗ ଦୂର କରେ। ସୋଡ଼ା ଓ ଲେମ୍ବୁରସ ମିଶାଇ ସପ୍ତାହକୁ ଥରେ ବ୍ରଶ କରନ୍ତୁ। ଜ୍ୱଳନ ହେଲେ, ଏହାକୁ ବ୍ୟବହାର କରନ୍ତୁ ନାହିଁ। ସେଓ, ଗାଜର, ଜୁଆଣୀ ବି ଦାନ୍ତ ସଫା ରଖିବାରେ ସାହାଯ୍ୟ କରିଥାଏ। ଅଏଲ ପୁଲିଂ ଦ୍ୱାରା ବି ଦାନ୍ତ ସଫା ହୁଏ। ଏକ ଚାମଚ ଅର୍ଗାନିକ ତେଲ ପାଟିରେ ରଖି କୁଲୁକୁଲୁ କରନ୍ତୁ। ପରେ ପାଟି ଭଲରେ ଧୋଇ ଦିଅନ୍ତୁ। ଉକ୍ତ ପ୍ରକ୍ରିୟା ପରେ ୨-୩ ଗ୍ଲାସ ପାଣି ପିଇବେ।



# ପାଠକୀୟ

■ପ୍ରଚ୍ଛଦ ପ୍ରସଙ୍ଗ 'ନମସ୍କାର' ଭଲ ଲାଗିଲା। ବର୍ତ୍ତମାନ ସମୟ ପାଇଁ ଏହାକୁ ଏକ ଉପଯୋଗୀ ଲେଖା ବୋଲି କୁହାଯାଇପାରିବ। ପୁଣି ନମସ୍କାରକୁ ନେଇ ବିଭିନ୍ନ ମତବାଦ ମନକୁ ବେଶ୍ ପ୍ରଫୁଲ୍ଲିତ କରିଦେଲା। ନମସ୍କାର ହେଉଛି ଆମର ସଂସ୍କୃତି।

*- ଅଶୋକ, ବସନ୍ତ, ଗୀତାଞ୍ଜଳି, ଅଢ଼ଙ୍ଗପୁର, କଟକ*

■'ନମସ୍କାର' ପ୍ରସଙ୍ଗଟି ଖୁବ ଉଚ୍ଚକୋଟୀର ହୋଇଛି। ଭାରତୀୟ ପରମ୍ପରାରେ ପ୍ରଣାମ କରିବାକୁ ଗୁରୁତ୍ୱ ଦିଆଯାଇଥାଏ। ପିଲାଟି ବେଳୁ ନମସ୍କାର, ପ୍ରଣାମ ଆଦି କଥା ଶିକ୍ଷା ଦିଆଯାଇଥାଏ। ଆଜି ବିଶ୍ୱର ବିପର୍ଯ୍ୟୟ ପରିପ୍ରେକ୍ଷୀରେ ଭାରତୀୟ ନମସ୍କାରର ମାହାତ୍ମ୍ୟ ବଢ଼ିଯିବା ଅତ୍ୟନ୍ତ ଆନନ୍ଦର ବିଷୟ।

*- ଅଞ୍ଜଳି ବିଶ୍ୱାଳ, ଭୁବନେଶ୍ୱର*

■ରାଶିଫଳ ମୋର ପ୍ରିୟ। ମୁଁ ତାହା ପଢ଼ିବାକୁ ଭଲପାଏ। ରାଶିଫଳ ପୃଷ୍ଠାରେ ପ୍ରକାଶିତ 'ଇମ୍ୟୁନିଟି ବଢ଼ାଇବା ପାଇଁ' ପ୍ରସଙ୍ଗଟି ଖୁବ୍ ଉପାଦେୟ ମନେହେଲା। ପୁଣି କେମିତି ଆମର 'ଇମ୍ୟୁନିଟି' ବଢ଼ାଯାଇପାରିବ ସେକଥା ମଧ୍ୟ ଜାଣିହେଲା। ପ୍ରଚ୍ଛଦ ପ୍ରସଙ୍ଗଟି ମଧ୍ୟ ଭଲ ହୋଇଛି।

*- ଗଯାଧର ପାଣିଗ୍ରାହୀ, ଭଦ୍ରକ*

■ଛୁଟିଦିନର ସିନେମା ପୃଷ୍ଠାଟି ଭଲ ଲାଗୁଛି। ହିନ୍ଦୀ ସିନେମା ସହିତ ଓଡ଼ିଆ ସିନେମା ବିଷୟରେ ଅନେକ କଥା ଜାଣି ହେଉଛି। ଏ ସଂଖ୍ୟାରେ ସ୍ଥାନିତ ଲଭରବୟ ବାବୁସାନ୍‌ଙ୍କ ଆକ୍ସନ ଅବତାର କଥା ଜାଣି ଖୁସି ଲାଗିଲା। ସେ ଜଣେ ଭଲ ଅଭିନେତା। ସେହିଭଳି ରକୁଲପ୍ରୀତ, ସାରା ଅଲି ଖାଁ, କ୍ୟାଟ୍ରିନା କୈଫ୍ ଆଦିଙ୍କ ବିଷୟରେ ପ୍ରକାଶିତ ଆଲେଖ୍ୟଗୁଡ଼ିକ ବେଶ୍ ରୋଚକ।

*- ଜଗମୋହନ ଦାସ, ତୋଡ଼ିଗଡ଼ିଆ, ବାଲେଶ୍ୱର*

■'ଆମ ଭିତରେ ଗଧ ଅଛି' ପ୍ରସଙ୍ଗଟି ପଢ଼ି ଭଲ ଲାଗିଲା। ସତରେ ଆମେ ଆମକୁ ଚିହ୍ନିବା ଜାଣିବା ଦରକାର। ଲେଖାଟି ବର୍ତ୍ତମାନର ସମୟ ପାଇଁ ଅତି ଉପାଦେୟ। ବାବାଜି ଗଧ ଖୋଳିବାରୁ ଆରମ୍ଭ ହୋଇଛି ଗପ। ଆସି ପହଞ୍ଚିଛି ଆମର ବିଚାରଧାରା ନିକଟରେ। ବାସ୍ତବରେ ଆମେ ଆମ ଭିତରେ ଥିବା ପଶୁତ୍ୱକୁ ବାନ୍ଧି ରଖିଲେ ହିଁ ଜଗତ ସୁନ୍ଦର ହୋଇପାରିବ।

*- ତିଳୋତ୍ତମା ରାଉତ, ଯାଜପୁର*

■ମଡେଲ ମିରରରେ ଲିପିକାଙ୍କ ଫଟୋଟି ଭଲ ହୋଇଛି। ହାଃ ହାଃ ପଢ଼ି ହସ ରୋକି ପାରିଲିନି। ବାସ୍ତବରେ ହସ ହେଉଛି ଜୀବନର ଏକ ଅଙ୍ଗ। ଏହାକୁ ପ୍ରତି ସପ୍ତାହ ପରଷିଦେଇ ଭଲ କରୁଛନ୍ତି। ବ୍ୟାକ୍‌ପେଜ୍‌ରୁ ଅନେକ କଥା ଜାଣି ହେଉଛି। ପିଠିରେ ବାଗ୍‌ଦତ୍ତାଙ୍କ ଟାଟୁ କରିବା ନିଶ୍ଚୟ ବିସ୍ମୟ ତଥା ଗଭୀର ପ୍ରେମର ନିଦର୍ଶନ। ଅନ୍ୟ ବିଷୟଗୁଡ଼ିକ ବି ମଜାଦାର।

*- ଉମାକାନ୍ତ ପ୍ରଧାନ, ବ୍ରହ୍ମପୁର*

## ବିଶେଷ ଚିଠି



ଛୁଟିଦିନ, କିଣିନିଏ ମନ
ସପ୍ତାହକ ସାତଦିନ
ମନକୁ କରେ ରଙ୍ଗିନ
କହେ ନୂଆ ନୂଆ କଥା
ଗପରୁ ପୁଣି କବିତା
ସାଥୀରୁ ପ୍ରଚ୍ଛଦ ପ୍ରସଙ୍ଗ
ସିନେମାରୁ ଯାତ୍ରା ରଙ୍ଗ
ଛୁଟିଦିନ, ସତରେ କିଣିନିଏ ମନ॥

*-ସାୟନ୍ତନୀ ବଳ, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com






# ପ୍ରତିଷେଧକ

ପ୍ରତିକୂଳତା ସହିତ ଲଢ଼େଇ କରିବା ମଣିଷର ଆଜନ୍ମ ପ୍ରବୃତ୍ତି। ସେ ଲଢ଼େଇ ଆଦିମ ଯୁଗରେ ଥିଲା । ଆଉ ସେ ଲଢ଼େଇ ଆଜିର ଆଧୁନିକ ମଣିଷ ବି ଲଢୁଛି। ପୃଥିବୀ ଉପରକୁ ବିପତ୍ତି ମାଡ଼ି ଆସିଛି। ଆଉ ତାହା ମଣିଷକୁ ତଳିତଳାନ୍ତ କରି ଦେଇଛି। ତା'ସତ୍ତ୍ୱେ ମଣିଷ ସେହି ବିପତ୍ତିରୁ ଉଦ୍ଧାର ପାଇବାର ରାସ୍ତା ନିଜକୁ ନିଜେ ତିଆରି କରିନେଇଛି। ସେଥିଲାଗି ଯେତେବେଳେ ବିପର୍ଯ୍ୟୟ ସୃଷ୍ଟି ହୋଇଛି (ତାହା ମାନବକୃତ ହୋଇଥାଉ କି ପ୍ରାକୃତିକ) ତା'ର ପରବର୍ତ୍ତୀ ପର୍ଯ୍ୟାୟରେ ମଣିଷ ସମାଜକୁ ଅନେକ ନୂତନ ଆବିଷ୍କାର ତଥା ଉଦ୍ଭାବନ ପ୍ରାପ୍ତ ହୋଇଛି। ତାହା ପ୍ଲେଗ୍, ଟାଇଫଏଡ୍, ଏଡ୍ସ ଭଳି ମହାମାରୀ ହେଉ କି ଦୁଇଦୁଇଟା ବିଶ୍ୱଯୁଦ୍ଧ ପରି ଭୟଙ୍କର ମାନବକୃତ ବିପର୍ଯ୍ୟୟ ହେଉ।

**ଟିକାର ଉଦ୍ଭାବନ:** ବଞ୍ଚିବା ପାଇଁ ରୋଗକୁ ଏଡ଼େଇବା ନିତାନ୍ତ ଦରକାର। ସେଥିଲାଗି ମଣିଷ ପ୍ରତିଷେଧକ ଟିକାର ଉଦ୍ଭାବନ କରିଛି। କେବଳ ଆଜିର ବିଜ୍ଞାନ ଯୁଗରେ ନୁହେଁ ; ବହୁ ପ୍ରାଚୀନ କାଳରୁ ଲୋକମାନେ ପ୍ରତିଷେଧକ ବ୍ୟବହାର କରୁଥିଲେ। ପୂର୍ବରୁ ଲୋକମାନେ ସାପ କାମୁଡ଼ାରୁ ବର୍ତ୍ତିବା ପାଇଁ ସାପବିଷକୁ ପିଇ ନିଜର ରୋଗ ପ୍ରତିଷେଧକ ଶକ୍ତିର ବୃଦ୍ଧି ଘଟାଉଥିଲେ। ବୌଦ୍ଧ ସନ୍ନ୍ୟାସୀମାନେ ପ୍ରତ୍ୟେକ ଦିନ ଅଳ୍ପ ଟିକେ ଟିକେ ବିଷପାନ କରୁଥିଲେ। ତାହା ସେମାନଙ୍କ ଶରୀରକୁ ଏମିତି ଏକ ପର୍ଯ୍ୟାୟକୁ ନେଇ ଯାଉଥିଲା ଯେ, କୌଣସି ପ୍ରକାର ବିଷ ସେମାନଙ୍କର କିଛି କ୍ଷତି କରିପାରୁ ନ ଥିଲା । ଅଷ୍ଟାଦଶ ଶତାବ୍ଦୀରେ ହିଁ ପ୍ରଥମେ ଆସିଲା ଆଧୁନିକ ଟିକା ବା ଭାକ୍ସିନ୍। ଏହାର ଶ୍ରେୟ ଯାଏ ଏଡୱାର୍ଡ ଜେନରଙ୍କୁ। ସେ ୧୭୯୬ରେ 'କାଓପକ୍ସ' ରୋଗରେ ଆକ୍ରାନ୍ତ ଏକ ୧୩ ବର୍ଷର ବାଳକ ଦେହରେ ଏହି ଟିକାର ପ୍ରଥମ ପରୀକ୍ଷଣ କରିଥିବା ଜଣାଯାଏ। ୧୭୯୮ରେ ପ୍ରଥମ ଚିକେନ୍‌ପକ୍ସ ଭାକ୍ସିନ୍ ବିକଶିତ ହୋଇଥିବା ଇତିହାସ କହେ।



**ଟାଇଫଏଡ୍ :** ଗୋଟିଏ ସମୟ ଥିଲା ଯେତେବେଳେ ଟାଇଫଏଡ୍ ନାଁ ଶୁଣିଲେ ଲୋକମାନଙ୍କ ମନରେ ଛାନିଆ ପଶି ଯାଉଥିଲା । ଏହା ସମଗ୍ର ବିଶ୍ୱର ଲୋକମାନଙ୍କ ପାଇଁ ଥିଲା ଏକ ମେଡିକାଲ ଡିଜାଷ୍ଟର। ୧୮୯୮ରେ ଆରମ୍ଭ ହୋଇଥିଲା ସ୍ପାନିଶ-ଆମେରିକାନ୍ ୱାର। ୧୮୯୯ରୁ ୧୯୦୨ ମସିହା ପର୍ଯ୍ୟନ୍ତ ବ୍ରିଟେନ୍ ଓ ସାଉଥ୍ ଆଫ୍ରିକା ମଧ୍ୟରେ ଘମାଘୋଟ ଯୁଦ୍ଧ ଲାଗିଥିଲା। ତେବେ ଉଲ୍ଲେଖନୀୟ ବିଷୟ ହେଉଛି ଏହି ଦୁଇଯୁଦ୍ଧରେ ଲିପ୍ତ ଥିବା ଦେଶମାନେ ଗୁଳିଗୁଳା କମାଣକୁ ଯେତିକି ଭୟ କରୁ ନ ଥିଲେ ତା'ଠାରୁ ଅଧିକ ଭୟ କରୁଥିଲେ ଟାଇଫଏଡ୍‌କୁ। ଆଉ ତାହା ବି ହୋଇଥିଲା। ଏହି ଦୁଇଯୁଦ୍ଧରେ ଗୁଳିରେ କମ୍ ସେନା ମରିଥିଲେ ; ଅଧିକ ମରିଥିଲେ ଟାଇଫଏଡ୍‌ରେ ଆକ୍ରାନ୍ତ ହୋଇ। ଏହି ଦୁଇଯୁଦ୍ଧ ବିଶ୍ୱର ମେଡିକାଲ ବିଶେଷଜ୍ଞଙ୍କୁ ବାଧ୍ୟ କରିଥିଲା ଟାଇଫଏଡରୁ ବର୍ତ୍ତିବା ପାଇଁ ଚିନ୍ତା କରିବା ଲାଗି। ଅବଶ୍ୟ ପ୍ରଥମ ବିଶ୍ୱଯୁଦ୍ଧ ବେଳକୁ ଟାଇଫଏଡ୍‌ର ପ୍ରତିଷେଧକ ଉଦ୍ଭାବିତ ହୋଇ ସାରିଥିଲା। ଆମେରିକା ତା'ର ସେନାମାନଙ୍କ ପାଇଁ ଟାଇଫଏଡ୍ ପ୍ରତିଷେଧକ ନେବା ବାଧ୍ୟତାମୂଳକ କରିଥିଲା।

**ଟିଟାନସ୍ :** ଟିଟାନସ୍ ଗୋଟିଏ ସମୟରେ ଥିଲା ଏକ ଭୟଙ୍କର ବିପର୍ଯ୍ୟୟର କାରଣ। ପ୍ରଥମ ବିଶ୍ୱଯୁଦ୍ଧ ବେଳକୁ ସିନା ଟାଇଫଏଡ୍ ଭାକ୍ସିନ୍ ଉଦ୍ଭାବିତ ହୋଇ ସାରିଥିଲା। ମାତ୍ର ଟିଟାନସ୍ ପାଇଁ କୌଣସି ପ୍ରତିଷେଧକ ନ ଥିଲା। ତଥ୍ୟ ଅନୁଯାୟୀ ପ୍ରଥମ ବିଶ୍ୱଯୁଦ୍ଧରେ ବ୍ରିଟିଶର ସେନାମାନେ ଏହି ଟିଟାନସ୍‌ରେ ଅଧିକ ପ୍ରାଣ ହରାଇଥିଲେ। କାରଣ ଚାଷୀମାନଙ୍କର ଗୋବର ଫାର୍ମରେ ସେମାନଙ୍କର ଟ୍ରେଞ୍ଚ ଖୋଳା ଯାଇଥିଲା। ଫଳରେ ଯୁଦ୍ଧରେ ଖଣ୍ଡିଆ ଖାବରା ହେଉଥିବା ସେନାମାନେ ତୀବ୍ର ସଂକ୍ରମଣର ଶିକାର ହେଉଥିଲେ। ସେତେବେଳେ ଏହାକୁ ଭଲ କରିବା ପାଇଁ ଘୋଡ଼ାର ଟିସ୍ୟୁରୁ ପ୍ରସ୍ତୁତ ଏକ ପ୍ରକାର ତରଳ ପଦାର୍ଥ ବ୍ୟବହାର କରାଯାଉଥିଲା ; ଯାହାକୁ କୁହାଯାଉଥିଲା ହର୍ସ-ସେରମ୍। ମାତ୍ର ଏହା ଅସୁସ୍ଥ ସେନାଙ୍କୁ ଆହୁରି ଅସୁସ୍ଥ କରି ଦଉଥିଲା। ସେମାନଙ୍କ ଦେହରେ ଆଲର୍ଜି ସୃଷ୍ଟି ହେଉଥିଲା। ଅନେକ ସମୟରେ ଏହା ହିଁ ପ୍ରାଣଘାତୀ ପାଲଟୁଥିଲା। ଏହାପରେ ଆରମ୍ଭ ହେଲା ଟିଟାନସ୍ ବିରୋଧରେ ଲଢ଼େଇ। ଆଉ ଉଲ୍ଲେଖନୀୟ ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳକୁ ଟିଟାନସ୍‌ର ଭାକ୍ସିନ୍ ଆସିସାରିଥିଲା ଆମର ବିଶ୍ୱ ମାନବ ସମାଜକୁ। ଦ୍ୱିତୀୟ ବିଶ୍ୱଯୁଦ୍ଧର ସେନାମାନଙ୍କ ପାଇଁ ଏହା ଏକ ମହୌଷଧି ସାବ୍ୟସ୍ତ ହୋଇଥିଲା।

**ମ୍ୟାଲେରିଆ :** ପ୍ରଥମ ବିଶ୍ୱଯୁଦ୍ଧରେ ମ୍ୟାଲେରିଆ ଥିଲା ଆଉ ଏକ ସମସ୍ୟା। ସେତେବେଳେ କେବଳ କୁଇନାଇନ୍ ଦ୍ୱାରା ହିଁ ଏହାର ଚିକିତ୍ସା କରାଯାଉଥିଲା। ସେହି କୁଇନାଇନ୍‌କୁ ଦକ୍ଷିଣପୂର୍ବ ଏସିଆରେ ଦେଖିବାକୁ ମିଳୁଥିବା କେତେକ ଗଛର 'ଛାଲି'ରୁ ପ୍ରସ୍ତୁତ କରାଯାଉଥିଲା। ମାତ୍ର ଏହା ବାସ୍ତବରେ ମ୍ୟାଲେରିଆକୁ ଭଲ କରି ପାରୁ ନ ଥିଲା। କେବଳ ତାକୁ କିଛିଦିନ ପାଇଁ ଚପେଇ ରଖି ଦଉଥିଲା। ତଥ୍ୟ ଅନୁଯାୟୀ ବ୍ରିଟିଶ୍‌ର ସେନାମାନେ ପ୍ରଥମ ବିଶ୍ୱଯୁଦ୍ଧ କାଳରେ ସର୍ବାଧିକ ପରିମାଣର ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିଲେ। ଆଉ ଏହି ରୋଗଗ୍ରସ୍ତ ସେନାମାନେ ପାଲଟିଥିଲେ ମୁଣ୍ଡ ବିନ୍ଧାର ଶିକାର। ପ୍ରଥମ ବିଶ୍ୱଯୁଦ୍ଧ କାଳରେ ମ୍ୟାଲେରିଆକୁ ପରାଜିତ କରିବା ଲାଗି ଜୋରଦାର ଚେଷ୍ଟା କରାଯାଇଥିଲା। ମ୍ୟାଲେରିଆ ଭାକ୍ସିନ୍ ଉଦ୍ଭାବନ ଲାଗି ଗବେଷକମାନେ ଦିନରାତି ଚେଷ୍ଟା କରିଥିଲେ। ମାତ୍ର ଯୁଦ୍ଧ ସିନା ସରିଯାଇଥିଲା, କେହି ବି ମ୍ୟାଲେରିଆ ପାରାସାଇଟ୍‌କୁ ପରାଜିତ କରିବାର ବାଟ ପାଇ ନ ଥିଲେ। ସମଗ୍ର ବିଶ୍ୱରେ ଚେତା ପଶିଥିଲା ଏବେ ମ୍ୟାଲେରିଆକୁ ରୋକିବାକୁ ହେବ। ନ ହେଲେ ଏହା ମାନବ ସଭ୍ୟତା ପାଇଁ ବିନାଶକାରୀ ସାଜିବ। ରୋନାଲ୍ଡ ରସ୍‌ଙ୍କ ଭଳି ଗବେଷକମାନେ ଏହାର ଅଗ୍ରଣୀ ନେତୃତ୍ୱ ଗ୍ରହଣ କରିଥିଲେ।

**ମଡର୍ନ ପ୍ଲାଷ୍ଟିକ୍ ସର୍ଜରୀ :** ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବର୍ଣ୍ଣନୀୟ ଭୟାବହତା ସତ୍ତ୍ୱେ ଗୋଟିଏ ଆଶ୍ୱାସନା ମିଳିଥାଏ ମଣିଷ ସମାଜକୁ। ତାହା ହେଉଛି ଦ୍ୱିତୀୟ ବିଶ୍ୱଯୁଦ୍ଧ ହିଁ ଆଜିର ମଡର୍ନ ପ୍ଲାଷ୍ଟିକ୍ ସର୍ଜରୀକୁ ଜନ୍ମ ଦେଇଥିଲା। ପ୍ରଥମ ବିଶ୍ୱଯୁଦ୍ଧଠାରୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତା ଥିଲା ବହୁଗୁଣ ଅଧିକ। ପ୍ରଚୁର ପରିମାଣରେ ଗୁଳିଗୋଳା ତଥା କମାଣର ପ୍ରୟୋଗ କରାଯାଇଥିଲା। ସେନାମାନେ ଖଣ୍ଡିଆଖାବରା ହୋଇ ବିକଳାଙ୍ଗ ହୋଇ ଉଠିଥିଲେ। ଏହି ସମୟରେ ପ୍ଲାଷ୍ଟିକ୍ ସର୍ଜରୀର ତରିକାକୁ ଅଧିକ ଶାଣିତ ତଥା ବିକଶିତ କରିବା ପାଇଁ ଚେଷ୍ଟା କରାଯାଇଥିଲା। ସେହିଭଳି ମେଡ଼ିସିନ୍‌ର ଉଦ୍ଭାବନ ଓ ପ୍ରୟୋଗ ଏହି ଯୁଦ୍ଧବେଳେ ସର୍ବାଧିକ ହୋଇଥିଲା। ମ୍ୟାଲେରିଆ ଭାକ୍ସିନ୍‌ର ସଫଳ ପରୀକ୍ଷଣ ହୋଇଥିଲା। ଟିସ୍ୟୁକୁ କାଢ଼ି ଦିଆଯାଇ କିପରି ସଂକ୍ରମଣକୁ ରୋକାଯାଇ ପାରିବ ସେ କଥା ମଧ୍ୟ ଗବେଷକମାନେ ଉଦ୍ଭାବନ କରିବାରେ ସଫଳ ହୋଇଥିଲେ। ପେନ୍‌ସିଲିନ୍ ତଥା ସଲଫାସ୍ ଭଳି ମିରାକ୍ଲ ଔଷଧ ସବୁର ସଫଳ ପ୍ରୟୋଗ ପାଇଁ ଏହି ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ଶ୍ରେୟ ପ୍ରଦାନ କରାଯାଏ।

ଶେଷରେ ଏତିକି କୁହାଯାଇପାରିବ ଯେ, ସବୁ ବିପତ୍ତିର ବିଭୀଷିକା ଆଣେ। ମାତ୍ର ତା' ସହିତ ଅନେକ କିଛି ସୃଷ୍ଟି କରିବାର ଜିଦ୍ ମଣିଷ ଭିତରେ ଭରିଦିଏ। ଆଉ ମଣିଷ ତାହା କରେ ଏବଂ ବିଜେତା ହୁଏ।







# କରୋନା

– ଡା. ମଣିରାମ ଜେନା

ଅବନୀ ପ୍ରଧାନ ସକାଳୁ ଉଠି ନିତ୍ୟକର୍ମ ସାରି ହାତରେ ପରିବା ବ୍ୟାଗ ଧରି କୁନା ସାହୁ ପରିବା ଦୋକାନକୁ ବାହାରିଥିବା ବେଳେ ହୁଇସିଲ୍ ମାରି ପଞ୍ଚାଏ ପୋଲିସ୍ ତାକୁ ଘେରିଗଲେ। ସେ କିଛି ପଚାରିବା ପୂର୍ବରୁ ମୁହଁରେ ମାସ୍କ ପିନ୍ଧିଥିବା ଓ ହାତରେ ଗ୍ଲୋଭ୍ସ ପିନ୍ଧିଥିବା କିଛି ଆରକ୍ଷୀ ତାଙ୍କୁ ଭ୍ୟାନ ଭିତରେ ପୂରେଇ ନେଇଗଲେ। ଡାକ୍ତରଖାନାର ଏକ କୋଠରୀ ଭିତରେ ତା'ର ଚେତା ଆସିଲା। ତା' ହାତର ଶିରାକୁ ଟପ୍‌କରି ଫୁଟେଇଦେଇ ରକ୍ତ କାଢୁଥିବା ନର୍ସ ତାକୁ ଜଣାଇ ଦେଲେ ଯେ ଶିଳ୍ପପତି ମହେଶ ଚୌଧୁରୀଙ୍କର ସେ ବ୍ୟକ୍ତିଗତ ଗାଡ଼ି ଚାଳକ ହୋଇଥିବାରୁ ଏବଂ ରୋମ୍‌ରୁ ବିଦେଶ ଭ୍ରମଣ ସାରି ଫେରିଥିବା ତାଙ୍କ ପୁଅକୁ ବିମାନ ବନ୍ଦରରୁ ଘରକୁ ଆଣିଥିବାରୁ ପୋଲିସ୍ ତାକୁ ପରୀକ୍ଷା ପାଇଁ ନେଇ ଆସିଛି। ମୋର ଦୋଷ କ'ଣ ମହାଶୟା ? ଅବନୀ ପ୍ରଧାନ ପଚାରିଲା।

ନା, ଦୋଷ ନୁହେଁ। କଥା ଏଇଆ ଯେ, ସେ ବିମାନ ବନ୍ଦରରୁ ଆଣିଥିବା ଜୀମୂତ ଚୌଧୁରୀଙ୍କ ରକ୍ତ ନମୂନାରୁ କରୋନା ଭୂତାଣୁ ସନ୍ଧାନ ମିଳିଛି ଏବଂ ସେଇ ସୂତ୍ରରେ ତାଙ୍କ ଡ୍ରାଇଭର ଶରୀରରୁ ଉକ୍ତ ଭୂତାଣୁକୁ ଖୋଜି ବାହାର କରିବା ନିମନ୍ତେ ତମକୁ ଚଉଦ ଦିନ ପର୍ଯ୍ୟନ୍ତ ପର୍ଯ୍ୟବେକ୍ଷଣରେ ରଖାଗଲା।

ନର୍ସ ଏତିକି କହି ଅତିକ୍ରାନ୍ତ ହୋଇଗଲେ।

ଅବନୀ ପ୍ରଧାନ ବିସ୍ମିତ ହୋଇଗଲା। ତାକୁ କିଛି ବୁଦ୍ଧିବାଟ ଦେଖାଗଲା ନାହିଁ। ଡରରେ ତା' ଦେହ କମ୍ପିବାକୁ ଲାଗିଲା। ସେ ଅନେକ ଗୁଡ଼ାଏ ଦୁର୍ଭାବନାରେ ବୁଦ୍ଧି ହେଇଗଲା। ତାକୁ ଲାଗିଲା ସତେଯେମିତି ତା'ର ହୃତପିଣ୍ଡ ଓ ଫୁସ୍‌ଫୁସ୍ ନରମ ହୋଇ ଆସୁଛି। ସେ କୌଣସି ବି ସମୟରେ ମରିଯାଇପାରେ। ତା' ରକ୍ତରେ କରୋନା ଭୂତାଣୁ ଖେଳି ବୁଲୁଛନ୍ତି। ତାକୁ ଦେଖି ସମସ୍ତେ ଡରୁଛନ୍ତି। ତା' ପାଖକୁ କେହି ଆସୁ ନାହାନ୍ତି। ସମସ୍ତେ ତା'ର ଛାଇ ମାଡ଼ିବାକୁ ଭୟ କରୁଛନ୍ତି।

ଅବନୀ ପ୍ରଧାନ କାନ୍ଦିବାକୁ ଚାହୁଁଥିଲା। ହେଲେ ଆଖିରୁ ଝରିବା ପାଇଁ ଲୁହ ନଥିଲା। ସତରେ କ'ଣ ସେ ମରିଯିବ ? ତା' ପାଖକୁ ଆସିବାକୁ ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଅନୁମତି ମିଳୁନାହିଁ। ସତରେ କ'ଣ ତା' ଭାଗ୍ୟରେ ଏଇଆ ଥିଲା ? ନିଜ ଆତ୍ମୀୟ ସ୍ୱଜନମାନଙ୍କୁ ଟିକେ ଦେଖି ନ ପାରି ଶୁଖିଶୁଖି ମରିଯିବ ?

କାଚ ଘର ଭିତରୁ ତା' ବିକଳ କ୍ରନ୍ଦନ ବାହାରକୁ ଶୁଭୁ ନ ଥିଲା। ସେ ଖୁବ୍ ହାଲୁକା ଅନୁଭବ କରୁଥିଲା। ତାକୁ ଲାଗୁଥିଲା ତା' ଭିତରୁ ଗୋଟିଏ କ୍ଷୀଣ ଆଲୁଅ ତା' ଭିତରୁ ମୁକ୍ତିର ବାଟ ଖୋଜୁଛି। ଆଉ ସେ ଯେମିତି ଖବରକାଗଜମାନଙ୍କର ପ୍ରଥମ ପୃଷ୍ଠାର ଖବର ହୋଇଯିବା ପାଇଁ ପଡ଼ି ରହିଛି।

ହଠାତ ନିଦ ଭାଙ୍ଗିଗଲା ଅବନୀ ପ୍ରଧାନର। ସେ ତା' ବିଛଣାରେ ପଡ଼ି ରହିଥିଲା। ଗୋଟେ ଦୁଃସ୍ୱପ୍ନ ଦେଖୁଥିଲା। ବିଛଣାରୁ ଉଠି ମନେମନେ ହସିଲା। ଆଉ କହିଲା, ସତର୍କତା ହିଁ ଜୀବନ।

–ପ୍ରାଣୀ ବିଶେଷଜ୍ଞ, ଡି–୧୩/୩, ୟୁନିଟ–୯
ଭୁବନେଶ୍ୱର





## କରୋନା

– ପ୍ରଦୀପ ନାୟକ

**ଶି**ଶୁମାନଙ୍କୁ ସଂଗରୋଧ କରି
ରାସ୍ତାରେ କରୋନା କହୁଛି
କବିତା ତୁ ଚୁପ୍ ହ'
ସମ୍ପର୍କରେ ଯୋଡ଼ିବାକୁ ମଣିଷକୁ
ଯେତିକି ଶିଖେଇଛୁ– ବାସ୍
ଯେତିକି ବୁଝେଇଛୁ– ବାସ୍
ସେତିକିରେ ରହ ॥
ମଣିଷ ଜଳବନ୍ଦୀରେ ଯାହା ବୁଝିଲା
ଖରାବନ୍ଦୀରେ ଯାହା ଭୋଗିଲା
ଏବେ ତା'ର ତାଲାବନ୍ଦୀର ବେଳ ॥

କଲମକୁ କାଗଜର ଛାତ ଛୁଇଁବା ମନା
ପ୍ରିୟକୁ ପାଖରେ ବସିବା ମନା
ପ୍ରେମୀ ଓଠକୁ ପ୍ରେମର ଚୁମାମନା
ସ୍ପର୍ଶରୋଧ ହାତକୁ
ନାକ କାନ ଛୁଇଁବା ମନା
ଲୁହେଇଥିବା ଆଖିକୁ ପୋଛିବା
କାକୁସ୍ଥପଣର କାନ ଆଉଁଷିବା ବି ମନା ॥
ଏବେ ଜୀବନ ବୁଝାପଡ଼େ
ଫାର୍ମହାଉସ୍ ବାହାର ବେଓ୍ୱାରିସ୍ କୁକୁଡ଼ା
ସମୟ ତ ଗୃହବନ୍ଦୀ ବିବଶ ବାରାଙ୍ଗନା
ବଞ୍ଚିବା ତ ସଟର ପଡୁଥିବା ଦୋକାନ ॥

ଆହା !
କେତେ କ୍ଷୁଦ୍ର ଭୂତାଣୁ ଭୟରେ
କ୍ଷମତା, ମଦମତ୍ତ, ମତଲବ
ଜ୍ଞାନ, ବିଜ୍ଞାନ
ଜଣେ ଜଣେ ପରାସ୍ତ କୌରବ
ଦାଣ୍ଡରେ ଉଗ୍ରସେନର ଡାକ
ଜାଗତେ ରହୋ...
ଜାଗତେ ରହୋ...

– ବନ୍ଧପଡ଼ା, ମଦନପୁର, କେନ୍ଦ୍ରାପଡ଼ା

## ବିଶ୍ୱରୂପୀ

– ଲିପ୍‌ସା ପଟେଲ

**ଗୋ**ଟିଏ ଅଦୃଶ୍ୟ ଆଲିଙ୍ଗନରେ
ହଜାର ହଜାର, ଲକ୍ଷ ଲକ୍ଷ ସଂକ୍ରମଣ
ଅସହାୟ ନିଃଶ୍ୱାସ ସବୁ
ଭୋଗୁଛନ୍ତି ନିର୍ବାସନ
ଉଜୁଡ଼ା ମୁଣ୍ଡରେ
ବନ୍ଧ୍ୟା ଆଜି ପୃଥିବୀ
କିଏ ସହୁଛି ଭୋକର ଜ୍ୱଳନ
କିଏ ସହୁଛି ରୋଗର ଦଂଶନ
...ଙ୍କ ଅପେକ୍ଷା

କେବେ ହେବ ଏଇ
ଛଦ୍ମବେଶୀ ଯୁଦ୍ଧର ଅବସାନ !

ସଂକ୍ରମଣର ତ ଲିଭିଯିବ ଚିହ୍ନ
ତା' ପରେ...
କ'ଣ ହେଇପାରେ ଭାବିନ ?
ପୃଥିବୀ ହୋଇପାରେ ବାସ୍ନାହୀନ,
ପୃଥିବୀ ହୋଇପାରେ ଜନଶୂନ୍ୟ !
ସତର୍କତା ହିଁ

ଏକମାତ୍ର ଅବଲମ୍ବନ,
ଗୃହବନ୍ଦୀ, ସଂଗରୋଧ, ନିୟମପାଳନ
ଦେଇପାରେ ନୂତନ ଜୀବନ।

ପ୍ରକୃତି କରୁ ତା'ର ପୁନଃନିର୍ମାଣ
ଆମେ କେବଳ ରହିବା ସଚେତନ ॥

– ଭବାନୀପାଟଣା,
କଳାହାଣ୍ଡି, ଓଡ଼ିଶା

# ପତ୍ନୀ ହେବ ଏମିତି

**ସ**ତରେ, ପତ୍ନୀ ହେବ ଏମିତି । ଦେଖୁନାହାନ୍ତି, ଘରେ ରହି ମଧ ସାଙ୍ଗମାନଙ୍କ ସହ କଥା ହେବା ସମୟରେ ସେ କେମିତି ନିଜ ପତିଦେବକୁ ପ୍ରଶଂସାରେ ପୋତି ପକାଉଛନ୍ତି । ସେ ହେଲେ ଦୀପିକା ପାଦୁକୋନ୍ । କଥା କ'ଣ କି ଯେହେତୁ ଶୁଟିଂ ନାହିଁ ତେଣୁ ଘରେ ରହି ସାଙ୍ଗସାଥୀଙ୍କ ସହ କଥା ହୋଇ ସମୟ କାଟୁଛନ୍ତି ସେ । ଏହି ସମୟରେ ସେ ପତି ରଣବୀର ସିଂଙ୍କୁ ବେଶ୍ ପ୍ରଶଂସା କରୁଛନ୍ତି । ଏ ବିଷୟରେ ଦୀପିକା କହନ୍ତି, ''ରଣବୀରଙ୍କଠାରେ ଅଭିନୟ ଦକ୍ଷତା ରହିଛି । ଯା ଭିତରେ ସେ ଯେଉଁ ସିନେମାରେ ଅଭିନୟ କରିସାରିଛନ୍ତି ସେଗୁଡ଼ିକୁ ଉଦାହରଣ ଭାବରେ ନେଇପାରନ୍ତି । ମୁଁ ଯେତେବେଳେ କୌଣସି ଶଟ୍‌କୁ ନେଇ ଟେନସନରେ ଥାଏ ସବୁବେଳେ ତାଙ୍କ ପାଖରୁ ଟିପ୍ସ ନେଇଥାଏ । ସେ ସେହି ଘଟଣାଗୁଡ଼ିକୁ ବେଶ୍ ସୂଚାରୁ ରୂପେ ସମାଧାନ କରିଦିଅନ୍ତି । ଏବେ ତ ଆମେ ଦୁହେଁ ବିଶିଷ୍ଟ କ୍ରିକେଟ ଖେଳାଳି ତଥା ଭାରତକୁ ପ୍ରଥମ ବିଶ୍ୱକପ ସ୍ୱାଦ ଚଖାଇଥିବା କପିଳ ଦେବଙ୍କ ଜୀବନୀକୁ ନେଇ ନିର୍ମିତ '୮୩'ରେ ଅଭିନୟ କରୁଛୁ । ପୁଣି ଏହି ଫିଲ୍ମର ଅନ୍ୟତମ ପ୍ରଯୋଜିକା ହେଉଛି ମୁଁ । ତେଣୁ ଫିଲ୍ମ ନିର୍ମାଣଠାରୁ ଆରମ୍ଭ କରି ମୋ ଭୂମିକା (କପିଳ ଦେବଙ୍କ ପତ୍ନୀ ରୋମି) ପ୍ରତି ଦୃଷ୍ଟି ଦେବାକୁ ପଡୁଛି । ଆଉ ଏସବୁ ସମୟରେ ମୋ ପଛରେ ଛାଇ ପରି ଠିଆ ହୋଇଛନ୍ତି ରଣବୀର । ତାଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ ।'' ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି କବୀର ସିଂ ଏବଂ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରୀତମ ।

# ଘର ସଜାଇବାରେ ମନ

**ବ**ର୍ତ୍ତମାନ କରୋନା ଯେମିତି ନିଜର କାୟା ବିସ୍ତାର କରିଚାଲିଛି ସେଥିପାଇଁ ଆମ ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି । ଯେହେତୁ ଏବେ ଶୁଟିଂରୁ ବିରତି ମିଳିଛି ତେଣୁ ଅନ୍ୟ କଳାକାରଙ୍କ ପରି ତାପସୀ ପାନ୍ନୁ ମଧ ଘରେ ସମୟ କଟାଉଛନ୍ତି । ତେବେ ବସିବାଠାରୁ କାଶିବା ଭଲ ପରି ସେ ଗୋଟିଏ କାମରେ ମନୋନିବେଶ କରିଛନ୍ତି । ଆଉ ତାହା ହେଲା ଘର ସଜା । ଅର୍ଥାତ୍ ନିଜ ଘରର ଇଣ୍ଟେରିୟର ଡେକୋରେଶନରେ ସେ ବ୍ୟସ୍ତ ଅଛନ୍ତି । ତା' ସହ ଗାର୍ଡେନିଂ ପାଇଁ ମଧ ସମୟ ଦେଉଛନ୍ତି । ଏ ସମ୍ପର୍କରେ ତାପସୀ କହନ୍ତି, ''ଏତେଦିନେ ମୋତେ ଲମ୍ବା ସମୟ ମିଳିଛି । ତେଣୁ ଘରର ଭିତର ଭାଗକୁ ନୂଆ ଲୁକ୍ ଦେବାକୁ ସଜାଉଛି । ତା'ସହ ଘର ସାମ୍ନା ଏବଂ ଛାତ ଉପରେ ଥିବା ଗାର୍ଡେନରେ ସମୟ କଟାଉଛି । ଏହାବ୍ୟତୀତ ପରିବାର ସଦସ୍ୟଙ୍କ ସହ ଶୁଟିଂ ସମୟ ଅନୁଭୂତିକୁ ଶେୟାର କରୁଛି । ଏବେ ତ ଆମେ ଏକ କଠିନ ସମୟ ଦେଇ ଗତି କରୁଛେ । ତେଣୁ ମୋ ପରି ଘରେ ରହି ସମସ୍ତେ ଲକ୍‌ଡାଉନ୍‌କୁ ମାନନ୍ତୁ ।'' ଏସବୁ କାମ ସତ୍ତ୍ୱେ ତାପସୀ ଆବଶ୍ୟକ ମୁତାବକ ବିଶ୍ରାମ ନେବାକୁ ଭୁଲୁ ନାହାନ୍ତି ।


ତାପସୀ


ରଣବୀର-ଦୀପିକା

# କ'ଣ କରୁଛନ୍ତି ହୁମା

**ହୁ**ମା କ୍ୟୁରେସି ଏବେ କ'ଣ କରୁଛନ୍ତି ? ଏବେ ତ ଶୁଟିଂ ନାହିଁ । ତେଣୁ ନିଶ୍ଚୟ ସମୟ ଘରେ ହିଁ କଟୁଥିବ । ହଁ, ଆପଣଙ୍କ ଅନୁମାନ ଠିକ୍ । କାରଣ ଯେହେତୁ ସମଗ୍ର ଭାରତ ଲକ୍‌ଡାଉନ୍ ହୋଇଛି ତେଣୁ ଅତି ଆବଶ୍ୟକ କାମ ନ ଥିଲେ ପ୍ରାୟ କେହି ଘରୁ ବାହାରୁ ନାହାନ୍ତି । ତେବେ ଏହି ସମୟରେ ହୁମା କ'ଣ କରୁଛନ୍ତି ଜାଣନ୍ତି ? ସେ ଏବେ କ'ଣ କରିବେ ତାହାର ଏକ ତାଲିକା ପ୍ରସ୍ତୁତ କରିଛନ୍ତି । ସକାଳୁ ଉଠିବା ପରେ ଏକ୍ସରସାଇଜ, ଯୋଗ କରିବାକୁ ଭୁଲୁ ନାହାନ୍ତି । କାରଣ ସ୍ୱାସ୍ଥ୍ୟ ହିଁ ସମ୍ପଦ । ଅନ୍ୟପଟରେ ଭଲ ଭଲ ବହି ପଢୁଛନ୍ତି । କେବଳ ସେତିକି ନୁହେଁ, ସୋସିଆଲ ମିଡିଆରେ ଏବେ ନିଜକୁ ଅଧିକ ଜଡିତ ରଖୁଛନ୍ତି ହୁମା ।


ହୁମା


ଅମ୍ରିତା

# ଅମ୍ରିତା ଯାହା ଚାହୁଁଥିଲେ...

**କ**ଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା । ଦେଖୁନାହାନ୍ତି, ଓଲିଉଡ୍‌ରେ ପାଦ ଦେଉ ଦେଉ ସେ କେମିତି ଖୁସି ଅଛନ୍ତି । ହଁ, ସେ ହେଲେ ଅମ୍ରିତା । କଥା କ'ଣ କି ଏହି ବଙ୍ଗୀୟ ସୁନ୍ଦରୀ ଓଡ଼ିଆ ସିନେମାରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି । ଆଉ ତାଙ୍କୁ ଏଭଳି ବ୍ରେକ୍ ଦେଇଛନ୍ତି ପ୍ରଯୋଜକ ସଚିକାନ୍ତ ଜେନା ଏବଂ ବିନି ପଟ୍ଟନାୟକ । ଖାସ୍ କଥା ହେଲା, ଓଡ଼ିଆ ସିନେମାରୁ ହିଁ ଅମ୍ରିତା ତାଙ୍କର ଅଭିନୟ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି । ଆଉ ଚଳଚ୍ଚିତ୍ରଟି ହେଲା 'ହୀରାଲାଲ୍ ମୋତିଲାଲ୍' । ମୁନ୍ ଟିଭି ମୁଭିଜ୍ ବ୍ୟାନରରେ ଏହାର ଏକ୍‌ଜିକ୍ୟୁଟିଭ ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ପ୍ରଣୟ ଜେଠୀ । ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଅଶ୍ୱିନୀ ଗଡ଼ନାୟକ । ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ । ବାଳକୃଷ୍ଣ, ଅମର, ଗୁଣ୍ଡୁ, କାଳିଆ, ସୁମନ, ବାବୁ ପ୍ରଧାନ, ବ୍ରଜ ସିଂ, ହାଡ୍ଡୁ, ଦେବୁ ବ୍ରହ୍ମା, ହରି ବାବୁ ପ୍ରଧାନ, ଜୀବନ ପଣ୍ଡା, ସଲିଲ ମିତ୍ର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି । ଖାସ୍ କଥା ହେଲା ଏଥିରେ ଛଅ ଜଣ ନୂଆ ନାୟିକା-ଅମ୍ରିତା, ଦିଶା, ପ୍ରଜ୍ଞା ପ୍ରଧାନ, ରୋଜି, ପୁଷ୍ପା, ଲକ୍ଷ୍ମୀଙ୍କୁ ଦେଖିବାକୁ ମିଳିବ । ସମ୍ପୂର୍ଣ୍ଣ କମେଡିଭିତ୍ତିକ ଏହି ଫିଲ୍ମଟି ରିଲିଜ ଅପେକ୍ଷାରେ ରହିଛି ।





# ନାରାୟଣ ସରୋବର ଅଭୟାରଣ୍ୟ

**ଗୁଜରାଟସ୍ଥିତ ନାରାୟଣ ସରୋବର ଅଭୟାରଣ୍ୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ଜଣାଶୁଣା । ମୁଖ୍ୟତଃ ଚିଙ୍କାରା (ଏକ ପ୍ରକାର ହରିଣ)ଙ୍କ ପାଇଁ ଏହା ପ୍ରସିଦ୍ଧି ଲାଭ କରିପାରିଛି। ସେହିପରି ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ତଥା ଅନ୍ୟାନ୍ୟ ବିରଳ ପଶୁଙ୍କୁ ବି ଏଠାରେ ଦେଖିବାକୁ ମିଳିଥାଏ। ଖାସ୍ ସେଥିପାଇଁ ଏଠି ସର୍ବଦା ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ...**




ନାରାୟଣ ସରୋବର ଅଭୟାରଣ୍ୟ, ଯାହା ନାରାୟଣ ସରୋବର ବନ୍ୟପ୍ରାଣୀ ଅଭୟାରଣ୍ୟ ଅବା ନାରାୟଣ ସରୋବର ଚିଙ୍କାରା ଅଭୟାରଣ୍ୟ ଭାବେ ମଧ୍ୟ ଜଣାଶୁଣା। ଏହା ଗୁଜରାଟର କଚ୍ଛ ଜିଲ୍ଲାରେ ଅବସ୍ଥିତ। ଚିଙ୍କାରା (ଏକ ପ୍ରକାର ହରିଣ) ପାଇଁ ଏହି ଅଭୟାରଣ୍ୟଟି ବେଶ୍ ଲୋକପ୍ରିୟତା ହାସଲ କରିପାରିଛି। କାରଣ ଏଠାରେ ସେମାନଙ୍କୁ ସୁହାଇଲା ଭଳି ଉପଯୁକ୍ତ ପରିବେଶ ରହିଛି। ଚିଙ୍କାରା ବ୍ୟତିତ ଅନ୍ୟାନ୍ୟ ବିରଳ ପଶୁପକ୍ଷୀଙ୍କୁ ବି ପର୍ଯ୍ୟଟକ ଏଠି ଦେଖିବାକୁ ପାଇପାରିବେ।

**କ'ଣ ଦେଖିବେ:** ନାରାୟଣ ସରୋବର ଅଭୟାରଣ୍ୟରେ ପର୍ଯ୍ୟଟକ ବିଭିନ୍ନ ପ୍ରଜାତିର ସ୍ଥଳଚର, ଜଳଚର, ଉଭୟଚର ତଥା ସ୍ତନ୍ୟପାୟୀ ପ୍ରାଣୀ ଏପରିକି ସରୀସୃପ ଏବଂ ଜାତି ଜାତିକା ପକ୍ଷୀଙ୍କୁ ଦେଖିବାକୁ ପାଇପାରିବେ। ଖାସ୍ କରି ଚିଙ୍କାରା (ଏକ ପ୍ରକାର ହରିଣ) ଏଠାରେ ବହୁ ସଂଖ୍ୟାରେ ଦେଖିବାକୁ ମିଳିଥାନ୍ତି। ତେବେ ମୁଖ୍ୟ କଥା ହେଉଛି ଏହି ଅଭୟାରଣ୍ୟର କଠୋର ପରିବେଶରେ ସେହି ପ୍ରାଣୀମାନେ ତିଷ୍ଠିଥାନ୍ତି, ଯାହାଙ୍କ ପାଖେ ଅତ୍ୟଧିକ ଗରମ, ପ୍ରବଳ ବେଗରେ ପ୍ରବାହିତ ହେଉଥିବା ଉଷ୍ମ ପବନ ତଥା ଘୂର୍ଣ୍ଣିଝଡ ମଧ୍ୟରେ ମରୁଭୂମିର ଜଳବାୟୁରେ ବଞ୍ଚିବାର କ୍ଷମତା ରହିଛି। ଖାସ୍ ଏହି କାରଣ ପାଇଁ ଅନ୍ୟ କେଉଁଠି ଯେଉଁ ପ୍ରାଣୀମାନେ ଦେଖାଯାଆନ୍ତି ନାହିଁ ସେହି ପ୍ରାଣୀମାନଙ୍କୁ ଏହିଠାରେ ହିଁ ଦେଖିବାକୁ ମିଳିଥାଏ। ବିଶେଷ କରି ଚିଙ୍କାରାଙ୍କ ପାଇଁ ଏହି ସ୍ଥାନର ଜଳବାୟୁ ବେଶ୍ ଉପଯୁକ୍ତ ହୋଇଥାଏ।

ସେଥିପାଇଁ କୁହାଯାଏ ଭାରତରେ ଯେତିକି ଚିଙ୍କାରା ଅଛନ୍ତି ତନ୍ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ କେବଳ ଏହି ଅଭୟାରଣ୍ୟରେ ହିଁ ଦେଖିବାକୁ ମିଳିଥାନ୍ତି। ଏମାନେ ଲତାପତ୍ରରେ ଝଙ୍କାଳିଆ ହୋଇ ରହିଥିବା ଜଙ୍ଗଲ ପରିବେଶରେ ରହିବାକୁ ପସନ୍ଦ କରିଥାନ୍ତି, ଯାହାକି ନାରାୟଣ ସରୋବର ଅଭୟାରଣ୍ୟରେ ଭରପୂର ମାତ୍ରାରେ ଉପଲବ୍ଧ ଅଛି।

ଚିଙ୍କାରା ବ୍ୟତିତ ପର୍ଯ୍ୟଟକ ଏଠାରେ ଅନ୍ୟାନ୍ୟ ବିରଳ ପ୍ରାଣୀ ତଥା ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀଙ୍କୁ ଦେଖିବାକୁ ପାଇପାରିବେ। ତା'ଛଡ଼ା ଏଠାକାର ଜଙ୍ଗଲ ପରିବେଶରେ ବିଭିନ୍ନ କିସମର ବୃକ୍ଷଲତା ଦେଖିବାର ନିଆରା ସୁଯୋଗ ବି ପର୍ଯ୍ୟଟକ ଲଭିପାରିବେ।

**କେବେ ଓ କେମିତି ଯିବେ:** ଏଠାରେ ଖରାଦିନେ ଟିକେ ଅଧିକ ଗରମ ହୋଇଥାଏ। ସେହିପରି ଶୀତ ଆଉ ବର୍ଷା ବି ମଧ୍ୟମ ଧରଣର ହୁଏ। ତଥାପି ପାଣିପାଗ ଦୃଷ୍ଟି କୋଣରୁ ଦେଖିଲେ ଏଠାକୁ ବର୍ଷର ଯେକୌଣସି ସମୟରେ ବୁଲି ଯିବାର ସୁବିଧା ରହିଛି। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ସୁବ୍ୟବସ୍ଥା ମଧ୍ୟ ଉପଲବ୍ଧ ଅଛି।






ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶତର, ଧରିତ୍ରୀ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

# ହାଃ ହାଃ

## ପ୍ରତିଯୋଗିତା

(ବିଜୟ ଓ ରଘୁ ମଧ୍ୟରେ କଥାବାର୍ତ୍ତା)
ରଘୁ : ଜାଣୁ ବିଜୟ, ମତେ ଗେଲ କରିବା ପାଇଁ ଝିଅଙ୍କ ଭିତରେ ପ୍ରତିଯୋଗିତା ଲାଗି ଯାଉଥିଲା ।
ବିଜୟ : ସତରେ ? ଆରେ କେଉଁଦିନ ମ ?
ରଘୁ : ମୁଁ ଯେତେବେଳେ ତିନିବର୍ଷର ହୋଇଥିଲି ।

## ରୋଜଗାର

(ଝିଅ ଦେଖିବାକୁ ଯାଇଥିବା ପ୍ରଫୁଲ୍ଲକୁ ତା'ର ଶ୍ୱଶୁର ମଧୁସୂଦନ ବାବୁ ପଚାରିଲେ)
ମଧୁସୂଦନ : ଆଚ୍ଛା, ତମର ମାସିକ ରୋଜଗାର କେତେଟଙ୍କା ?
ପ୍ରଫୁଲ୍ଲ : ମୋର ମାସିକ ଦରମା ୧୮ହଜାର ଟଙ୍କା ।
ମଧୁସୂଦନ : ତମେ ଜାଣ, ମୁଁ ମୋ ଝିଅକୁ ୧୬ହଜାର ଟଙ୍କା ମାସିକ ପକେଟ ମନି ଦିଏ ?
ପ୍ରଫୁଲ୍ଲ : ଜାଣିଛି ଆଜ୍ଞା । ମୁଁ ତ ସେହି ଟଙ୍କାକୁ ମିଶେଇ ମୋ ଦରମା ୧୮ ହଜାର ବୋଲି କହିଲି ।

## ଜାନୁ

(ମୋହିତ ଅଫିସ୍ ସାରି ଘରେ ପହଞ୍ଚୁ ପହଞ୍ଚୁ ପତ୍ନୀ ଈଷା ତାକୁ ଆଦର କରି ପଚାରିଲା)
ଈଷା : ଜାନୁ, ଆଜି ଦିନଟି ତମର କେମିତି କଟିଲା ?
(ଈଷା କଥା ଶୁଣି ମୋହିତ ଉତ୍ତର ଦେବା ପରିବର୍ତ୍ତେ ତୁରନ୍ତ ଗୋଟିଏ ଡାଏରି ଖୋଲି ଦେଖିବାରେ ଲାଗିଗଲା)
ଈଷା : ମୋ କଥା ଶୁଣନା ଜାନୁ । ଡାଏରିରେ କ'ଣ ଦେଖୁଛ ?
ମୋହିତ : ଦେଖୁଛି, ଗତ ମାସରେ ତୁମେ ମତେ ଜାନୁ ବୋଲି ଡାକିବା ପରେ ମୋର କେତେଟଙ୍କା ଖର୍ଚ୍ଚ ହୋଇଥିଲା ।

ବ୍ୟାକ୍ ପେଜ୍



# ବାଇସେପ୍‌ରେ ଚାପି ଫଟାଇଲେ ସେଓ

ଜିମ୍ ଯାଇ ବାଇସେପ୍ କରିବା ଆଜିକାଲିର ଫ୍ୟାଶନ୍ ପାଲଟି ଯାଇଛି। ପୁରୁଷଙ୍କ ସହ କିଛି ମହିଳା ବି ବାଇସେପ୍ କରୁଛନ୍ତି। ତେବେ ଜଣେ ମହିଳା କେବଳ ବାଇସେପ୍ କରି ନାହାନ୍ତି, ଏହା କରି ରେକର୍ଡ ବି କରିଛନ୍ତି। ଏହି ମହିଳା ଜଣକ ହେଉଛନ୍ତି ଆମେରିକାର ଲିନ୍ସି ଲିଣ୍ଡବର୍ଗ। ସେ ଏକ ମିନିଟରେ ୧୦ଟି ସେଓ ନିଜ ବାଇସେପ୍‌ରେ ଚାପି ଫଟେଇ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ୨୦୧୪ ଜୁଲାଇ ୦୩ ଇଟାଲୀର ମିଲନରେ ଆୟୋଜିତ ହୋଇଥିବା ଲୋ ଶୋ ଡେଇ କାର୍ଯ୍ୟକ୍ରମର ଶେଟ୍‌ରେ ସେ ଏହି ରେକର୍ଡ କରିଛନ୍ତି।



# ଗେଣ୍ଡା ପେଟ୍

କୁକୁର, ବିଲେଇ ଆଦି ପେଟ୍ ସମସ୍ତେ ରଖନ୍ତି, ହେଲେ ଗେଣ୍ଡାକୁ କେହି କେବେ ପେଟ୍ ରଖୁଥିବା କଥା ଭାବି ନ ଥିବେ। ତେବେ ମଗ୍ଦାଲେନା ଦୁସଜା ନାମ୍ନୀ ଜଣେ ମହିଳା ପେଟ୍ ଭାବେ ରଖିଛନ୍ତି ଗେଣ୍ଡା। ସେପୁଣି ଗୋଟେ କି ଦୁଇଟି ନୁହେଁ, ୧୫୦ଟି ଗେଣ୍ଡା। ପିଲା ଦିନୁ ମଗ୍ଦାଲେନାଙ୍କର ଗେଣ୍ଡା ପେଟ୍ ରଖିବାକୁ ଇଚ୍ଛା ଥିଲା। ସେ ପୁଣି ବଡ଼ ଗେଣ୍ଡା। ଏବେ ତାଙ୍କ ପାଖରେ ଅନେକ ବଡ଼ ଗେଣ୍ଡା ଅଛି। ଆଉ ଦିନ ରାତି ସେ ଏମାନଙ୍କ ସହ ବିତାନ୍ତି। ଗେଣ୍ଡାଙ୍କୁ ସେ ପରିବା ଫଳ ଆଦି ଖାଇବାକୁ ଦିଅନ୍ତି। ତେବେ ଏମାନଙ୍କର ପ୍ରିୟ ହେଉଛି କନ୍ଦମୂଳ ଓ କଦଳୀ। ମାଛ କାତି ବି ବହୁତ ଖୁସିରେ ଖାଆନ୍ତି।







# ସବୁଠାରୁ ଦାମିକା ଫଳ

ଆମେ ସମସ୍ତେ ଫଳ ବା ପନିପରିବା କିଣିଥାନ୍ତି। ବଜାରରେ ମଧ୍ୟ ହରେକ କିସମର ସବୁଜ ଫଳ ତଥା ପରିବା ମିଳିଥାଏ। ତେବେ ଏଠାରେ ଯେଉଁ ଫଳ କଥା କୁହାଯାଉଛି ତାହା ହେଉଛି ଦୁନିଆର ସବୁଠୁ ଦାମୀ ଫଳ। ଏହି ଫଳର ଦାମ୍ କଥା ଶୁଣିଲେ ଯିଏ କେହି ବି ଚମକି ପଡ଼ିବ। ଫଳଟିର ନାମ ହେଉଛି ହପ୍ ସୁଟ୍। ଏହି ଫଳର ଦାମ ହେଉଛି କିଲୋ ପ୍ରତି ୧ହଜାର ୟୁରୋ ବା ଭାରତୀୟ ମୁଦ୍ରାରେ ତାହାର ଦାମ କିଲୋପ୍ରତି ୮୨ ହଜାରରୁ ୮୩ ହଜାର। କେବଳ ଫଳ ନୁହେଁ; ଏହି ଗଛର ଫୁଲ ମଧ୍ୟ ଖୁବ୍ ମୂଲ୍ୟବାନ। ଜର୍ମାନୀ ଆଦି ଦେଶରେ ଏହି ଫଳର ଉତ୍ପାଦନ କରାଯାଇଥାଏ। ଏହା ଏକ ଔଷଧୀୟ ଫଳ। ସେଥିଲାଗି ଏହାର ମୂଲ୍ୟ ଏଭଳି ଚଢ଼ା। ଏହାକୁ ସାଧାରଣ ବଜାରରେ ବିକ୍ରି କରାଯାଏ ନାହିଁ। କେତେକ ରୋଗର ଆଣ୍ଟିବାୟୋଟିକ୍ସ ପ୍ରସ୍ତୁତ କରିବା ପାଇଁ ଏହି ଫଳର ଆବଶ୍ୟକତା ପଡ଼ିଥାଏ। ଯକ୍ଷ୍ମା, ଦାନ୍ତ ରୋଗ ପାଇଁ ଏହି ଫଳ ଏକ ଅମୋଘ ମହୌଷଧୀ।